To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com


# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ


ଟି-୨୦ରେ ଅଧିକ କ୍ୟାଚ୍ ଧରିବାରେ ଧୋନୀଙ୍କ ରେକର୍ଡ଼ ।



R.N.I. No.-42041/83 Vol-15, Issue No.229, ଭଦ୍ରକ, ମଙ୍ଗଳବାର, ୨୦, ଫେବୃୟାରୀ ୨୦୧୮ ■ Bhadrak, Tuesday, 20 February 2018 Rs. 2.00 Pages-8

# ୩୬୯୫ କୋଟିର ଲୁଟେରା !



କାନପୁର, ୧୯।୨: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଠକେଇ ପରେ ଏବେ ରୋଟୋମାକ କମ୍ପାନୀର ମାଲିକ ବ୍ୟାଙ୍କ ଗୁଡିକୁ ଚୁନା ଲଗାଇବାର ମାମଲା ପଦାକୁ ଆସିଛି । ସୋମବାର ସକାଳେ ସିବିଆଇ କମ୍ପାନୀର ମାଲିକ ବିକ୍ରମ କୋଠାରିଙ୍କୁ କାନପୁରରୁ ଗିରଫ କରିଛି ।

- ରୋଟୋମାକ କମ୍ପାନୀର ମାଲିକ ୭ଟି ବ୍ୟାଙ୍କକୁ ଲଗାଇଛନ୍ତି ଚୂନ
- ସିବିଆଇର କାର୍ଯ୍ୟାନୁଷ୍ଠାନ ଆରମ୍ଭ
- ବିକ୍ରମ, ସାଧନା ଓ ରାହୁଲ କୋଠାରିଙ୍କ ବିରୋଧରେ ମାମଲା ରୁଜୁ

ରବିବାର ରାତିରେ କୋଠାରିଙ୍କ ବିରୋଧରେ ଏତଲା ଦାୟର ହୋଇଥିଲା । ଏହି ମାମଲାରେ ସିବିଆଇ ବିକ୍ରମ କୋଠାରି, ସାଧନା କୋଠାରି ଓ ରାହୁଲ କୋଠାରିଙ୍କ ବିରୋଧରେ ମାମଲା ରୁଜୁ କରିଛି । ବିକ୍ରମ କୋଠାରି ସାତୋଟି ବ୍ୟାଙ୍କରୁ ରୋଟୋମାକ କମ୍ପାନୀ ପାଇଁ ମୋଟ୍ ୩୬୯୫ କୋଟି ଟଙ୍କା ନେଇ ଫେରାଇ ନଥିବାର ଅଭିଯୋଗ ଆଧାରରେ ସିବିଆଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୋମବାର ଭୋର ସକାଳ ୪ଟାରୁ ସିବିଆଇ ଟିମ୍ କାନପୁରରେ କୋଠାରିଙ୍କ ୩ଟି ଜାଗାରେ ଚଢ଼ାଉ କରିଥିଲେ । ସିବିଆଇ ପ୍ରଥମେ ବ୍ୟାଙ୍କ ଅଫ ବରୋଦାର ଅଭିଯୋଗ କ୍ରମେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ୮୦୦ କୋଟି ଟଙ୍କାର ଋଣ ନଫେରାଇବାର ମାମଲାରେ କାନପୁରରେ ସିବିଆଇ ଚଢ଼ାଉ କରିଥିଲା । ଅନ୍ୟପଟେ ଦିଲ୍ଲୀରେ ମଧ୍ୟ ସିବିଆଇ ରୋଟୋମାକର ନିର୍ଦ୍ଦେଶକଙ୍କ ବାସଭବନ ପରିସର ଏବଂ ଅଫିସକୁ ସିଲ୍ କରି ଦେଇଛନ୍ତି । ଏହି ମାମଲାରେ ସିବିଆଇର ଦଳ ବିକ୍ରମ କୋଠାରିର ପତ୍ନୀ ଏବଂ ପୁଅଙ୍କୁ ଜେରା ମଧ୍ୟ କରିଛି । କାନପୁରର ତିଳକ ନଗରରେ ବିକ୍ରମ କୋଠାରିର ଘର ସନ୍ତୁଷ୍ଟି, ରୋଟୋମାକ ଅଫିସ ଏବଂ ଅନ୍ୟ ଏକ ଜାଗାରେ ସିବିଆଇ ଚଢାଉ କରିଛି । ଏହି ମାମଲାରେ ସାତୋଟି ବ୍ୟାଙ୍କ- ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ବ୍ୟାଙ୍କ ଅଫ ମହାରାଷ୍ଟ୍ର, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଓ ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ ରହିଛନ୍ତି । କାନପୁରର ରୋଟୋମାକ କମ୍ପାନୀର ମାଲିକ ବିକ୍ରମ କୋଠାରି ଉପରେ ୩୦୦୦ କୋଟି ଟଙ୍କା ବ୍ୟାଙ୍କ କରଜ ନଫେରାଇବାର ଅଭିଯୋଗ ହୋଇଛି । ଏହା ପରେ ଲଗାତାର ଏହା କୁହାଯାଉଥିଲା ଯେ ବିକ୍ରମ କୋଠାରି ନିରବ ମୋଦୀ ପରି ଦେଶ ଛାଡି ପଳାୟନ କରିଛି । ମାତ୍ର କୋଠାରି ଏହି ଗୁଜବକୁ ଖଣ୍ଡନ କରିଛନ୍ତି । କୋଠାରି କହିଛନ୍ତି ଯେ ସେ ଦେଶ ଛାଡି ଯାଇ ନାହାନ୍ତି ଏବଂ ସେ କାନପୁରରେ ହିଁ ଅଛନ୍ତି । କୋଠାରି କହିଛନ୍ତି ଯେ ମୁଁ ବ୍ୟାଙ୍କରୁ ଋଣ ନେଇଛି । କିନ୍ତୁ ଏହା କହିବା ଭୁଲ ଯେ ମୁଁ ଋଣ ପରିଶୋଧ କରୁନାହିଁ । ସେ କହିଛନ୍ତି ଯେ ମୁଁ କାନପୁରରୁ ବାହାରକୁ ଯାଇ ନାହିଁ କି ଯିବାର ମଧ୍ୟ ନାହିଁ । ମୋର ଭାରତ ପରି ମହାନ ଦେଶ କେଉଁଠି ମଧ୍ୟ ନାହିଁ । ସେ କହିଛନ୍ତି ଯେ ବିଜେନସ ଡିଲ କାରଣରୁ ବାହାର ଦେଶକୁ ଯିବା ଆସିବା ଲାଗି ରହିଥାଏ ।

# ପୁଣି ଜବତ ହେଲା ୧୦ ଲକ୍ଷ ୭୬ ହଜାର



ବରଗଡ଼, ୧୯।୨ (ସକାଳ ଖବର) : ବିଜେପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ନିଜ ସାଙ୍ଗରେ ୫୦ ହଜାରରୁ ଅଧିକ ଟଙ୍କା ନେବା ପାଇଁ ନିର୍ବାଚନ କମିଶନ କଟକଣା ଜାରି କଲା ପରେ ମଧ୍ୟ ଆଜି ପୁଣି ସେହି ଅଞ୍ଚଳରୁ ଟଙ୍କା ଜବତ ହୋଇଛି । ଆଜି ବରଗଡ଼ ବରବାଲି ନିକଟରୁ ସଦର ପୋଲିସ ଜଣେ ବାଇକ ଆରୋହୀଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଜବତ କରିଥିବାବେଳେ ଆଉ ଏକ କାରରୁ ୭୬ ହଜାର ଟଙ୍କା ଜବତ କରାଯାଇଛି । ଉପନିର୍ବାଚନ ଦୃଷ୍ଟିରୁ ଯାଞ୍ଚ ବେଳେ ଏହି ଟଙ୍କା ଧରାପଡ଼ିଥିବା ଜଣାଯାଇଛି । ଆଜି ଜଣେ ବ୍ୟକ୍ତି ବାଇକରେ ଯାଉଥିବାବେଳେ ବରପାଲି ଚାରିବଙ୍ଗଳା ଛକରେ ଯାଞ୍ଚବେଳେ ପୋଲିସ ତାଙ୍କ ବାଇକ ଡିକିରୁ ୧୦ ଲକ୍ଷ ଟଙ୍କା ଜବତ କରିଛି । ବାଇକ (ପୃଷ୍ଠା-୭)

## ମାର୍ଚ୍ଚ ୧୪ରେ ରାଜ୍ୟବ୍ୟାପୀ ବସ୍ ଧର୍ମଘଟ

ଭୁବନେଶ୍ୱର,୧୯।୨ (ସକାଳ ଖବର) : - ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ବସ୍ ଧର୍ମଘଟ ଡାକରା ଦିଆଯାଇଛି । ଟୋଲ ଫି ଆଦାୟ ଓ ସିଟି ବସ୍ ଚଳାଚଳକୁ ବିରୋଧ କରି ଏହି ଧର୍ମଘଟ ଡାକରା ଦିଆଯାଇଥିବା ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

## ଆଇନଜିବୀଙ୍କ ଆନ୍ଦୋଳନ ଆରମ୍ଭ

ରାଉରକେଲା, ୧୯।୨ (ସକାଳ ଖବର) : ରାଉରକେଲା ଓକିଲ ସଂଘ ୭ଦଫା ଦାବି ନେଇ ଆଜି ଅର୍ଥାତ ୧୯ତାରିଖରୁ ୬ଦିନ ବ୍ୟାପି ୨୪ତାରିଖ ପର୍ଯ୍ୟନ୍ତ ବନ୍ଦ ପାଳନ ପାଇଁ ଡ଼ାକରା ଦେଇଛି । ସେଥିରେ ସରକାରୀ ଅଫିସ ଗୁଡିକୁ ମଧ୍ୟ ସାମିଲ୍ କରାଯାଇଛି । ୨୦୦୮ ମସିହାରୁ ହାଇକାର୍ଟର ଏକ ସ୍ଥାୟୀ ବେଂଚ୍ ରାଉରକେଲା ଠାରେ ପ୍ରତିଷ୍ଠା ଲାଗି ଓକିଲ ସଂଘ ଦାବି କରିଆସୁଥିବା ସହ ଖାଲି ଥିବା ବିଚାରପତି ପଦ ପୁରଣ, ରାଉରକେଲାକୁ ସ୍ୱତନ୍ତ୍ର ବିଚାର ବିଭାଗ ଜିଲାର ମାନ୍ୟତା, ରେକର୍ଡ଼ ରୁମ ପ୍ରତିଷ୍ଠା, ବିଚାରଧୀନ ବନ୍ଦୀ ଓ ମହିଳାମାନଙ୍କ ଲାଗି ବିଚାରପତି ନିଯୁକ୍ତି, ସିବିଆଇ କୋର୍ଟ ରାଉରକେଲା ଠାରେ ପ୍ରତିଷ୍ଠା ଆଦି ୭ଟି ଦାବି ନେଇ ଆଜି ଓକିଲ ମାନେ ପ୍ରଥମେ କୋର୍ଟକୁ ବନ୍ଦ କଲା ପରେ ବିଚାରପତି ମାନେ ଆସି ଫେରିଥିଲେ । ପରେ ଓକିଲ ମାନେ ଏକ ପଟୁଆରେ ସବୁସରକାରୀ ଅଫିସକୁ ଯାଇ ବନ୍ଦ କରିବା ସହ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସେମାନଙ୍କୁ ସହଯୋଗ କରିବାକୁ ନିବେଦନ କରିଥିଲେ । ଏଡ଼ିଏମ ଅଫିସ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ଅଫିସ ବନ୍ଦ କରିଥିଲେ । ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏହି ଆନ୍ଦୋଳନରୁ ଶିକ୍ଷାନୁଷ୍ଠାନ, ହସପିଟାଲ ଓ ଜରୁରୀ ସେବାକୁ ବାଦ୍ ଦିଆଯାଇଛି । ସଂଘର ସଭପତି ସତ୍ୟ ଶର୍ମା, ରମେଶ ବଳ, ନୃସିଂହ ଜେନାଙ୍କ ସମେତ ଶତାଧିକ ଓକିଲ ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି ।

# ଆଜି ହାଇଭୋଲଟେଜ୍ ପ୍ରଚାର
# ନବୀନ VS ସ୍ମୃତି





ଭୁବନେଶ୍ୱର, ୧୯।୨ (ସକାଳ ଖବର) : ବର୍ତ୍ତମାନ ବିଜେପୁର ଉପନିର୍ବାଚନ ଚରମ ସୀମାରେ ଉପନୀତ । ଏହି ବିଜେପୁର ଆସନ ପାଇଁ ଉଭୟ ବିଜେଡି ଓ ବିଜେପି ନିଜର ସମସ୍ତ ଶକ୍ତି ଖଟାଇବା ଆରମ୍ଭ କରିଛନ୍ତି । ଆସନ୍ତାକାଲି ଏଠାରେ ହାଇଭୋଲ୍ଟେଜ୍ ପ୍ରଚାର ଦେଖିବାକୁ ମିଳିବ । ବିଜେପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଜେପୁର ଗସ୍ତ କରିବେ । ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ମୁଖ୍ୟମନ୍ତ୍ରୀ ହେଲିକ୍ୟାପ୍ଟରରେ ବିଜେପୁର ଗସ୍ତରେ ବାହାରିବେ। ରାତିରେ ବିଜେପୁରରେ ସେ ଅବସ୍ଥାନ କରିବେ। ୨୧ ତାରିଖରେ ପ୍ରଚାର ଶେଷ କରି ମୁଖ୍ୟମନ୍ତ୍ରୀ ଅପରାହ୍ନରେ ଭୁବନେଶ୍ୱର ପ୍ରତ୍ୟାବର୍ତନ କରିବେ। ୨୨ ତାରିଖରେ ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଶେଷ ହେବ । ବିଜେପୁର ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ବରପାଲିରେ ପ୍ରଚାର କରିବା ସହ ରୋଡ୍ ସୋ କରିବେ ଏବଂ ନିର୍ବାଚନୀ ସଭାରେ ଉଦବୋଧନ ଦେବେ। ସେହିପରି ୨୧ ତାରିଖରେ ସେ ଉଭୟ ବିଜେପୁର ଓ ଗାଇସିଲଟ ବ୍ଲକ୍ ରେ ପ୍ରଚାର କରିବେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ବିଜେପୁର ଗସ୍ତ ଖର୍ଚ୍ଚକୁ ନେଇ ଦଳ ମଧ୍ୟରେ କଥା କଟାକଟି ହୋଇଛି। ଦଳର ମୁଖପାତ୍ର ପ୍ରତାପ ଦେବ ଓ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ଗସ୍ତ ଖର୍ଚ୍ଚକୁ ନେଇ ଭିନ୍ନ ଭିନ୍ନ ମତ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ମହାରଥୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ୨୦ ତାରିଖ ଦିନ ପ୍ରଚାର କରିବେ ଏବଂ ରାତିରେ ସେଠାରେ ରହିବେ । ରାଜ୍ୟ ରାଜକୋଷରୁ ଅଯଥା ଖର୍ଚ୍ଚକୁ ରୋକିବା ପାଇଁ ସେ ସେଠାରେ ରାତିରେ ରହିବା ଲାଗି ନିଷ୍ପତି ନେଇଛନ୍ତି । ଅପରପକ୍ଷରେ ଏହି ମନ୍ତବ୍ୟକୁ ଖଣ୍ଡନ କରି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ଗସ୍ତ ଖର୍ଚ୍ଚ ଦଳର ପାଣ୍ଠିରୁ ବହନ କରାଯିବ , ରାଜକୋଷରୁ ଖର୍ଚ୍ଚ ହେବ ନାହିଁ। ମନ୍ତ୍ରୀ କିଛି ଜାଣନ୍ତି ନାହିଁ । ମୁଖ୍ୟମନ୍ତ୍ରୀ ହେଉଛନ୍ତି ବିଜେଡିର ଷ୍ଟାର କ୍ୟାମ୍ପେନର । ଅନ୍ୟପକ୍ଷରେ ବିଜେପୁର ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ପ୍ରଚାର ପାଇଁ ଆସନ୍ତାକାଲି ସୂଚନା ଓ ପ୍ରସାରଣ, ବୟନଶିଳ୍ପ କେନ୍ଦ୍ରମନ୍ତ୍ରୀ ଶ୍ରୀମତି ସ୍ମୃତି ଇରାନୀ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀମତି ଇରାନୀ ଆସନ୍ତା କାଲି ବରଗଡ ଜିଲ୍ଲା ଗାଇସିଲେଟ ବ୍ଲକ, ବିଜେପୁର ବ୍ଲକ ଏବଂ ବରପାଲିବ୍ଲକ ଠାରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନୀ ସାଧାରଣ ସଭାରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀ ଶ୍ରୀ ଅଶୋକ ପାଣିଗ୍ରାହୀଙ୍କ ସପକ୍ଷରେ ପ୍ରଚାର କରିବେ । ଆସନ୍ତା କାଲି ସକାଳ ୧୦ଟାରେ ଗାଇସିଲେଟଠାରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଶ୍ରୀମତି ଇରାନୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂ, ରାଜ୍ୟ ବିଜେପି ବିଧାୟକ ଦଳ ନେତା ଶ୍ରୀ କେ.ଭି ସିଂହ ଦେଓ, ବରିଷ୍ଠ ନେତା ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ବିଧାୟକ ପ୍ରଦୀପ ପୁରୋହିତ୍, ବରଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ପୂର୍ବତନ ସାଂସଦ ସଂଗୀତା କୁମାରୀ ସିଂହଦେଓ, ଅଭିନେତା ମିହିର ଦାସ୍, ଜିଲ୍ଲା ସଭାପତି ଡ.ଅରୁପାନନ୍ଦ ସାହୁ, ଜିଲ୍ଲା ଉପ ସଭାପତି (ପୃଷ୍ଠା-୭)

## କୁନ୍ଧୁଲି ପୀଡିତାଙ୍କୁ ନ୍ୟାୟ ଦାବିରେ ପ୍ରଚାରପତ୍ର ବାଣ୍ଟିଲା କଂଗ୍ରେସ

ଭୁବନେଶ୍ୱର, ୧୯।୨ (ସକାଳ ଖବର) : କୁନ୍ଧୁଲି ପୀଡିତାକୁ ନ୍ୟାୟ ଦେବା ପାଇଁ ବିଧାୟକ ତଥା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ ଭୁବନେଶ୍ୱର ରେଲୱେ ଷ୍ଟେସନ, ରାଜମହଲ ଛକ, ରମାଦେବୀ ମହିଳା ମହାବିଦ୍ୟାଳୟ, ବାଣୀବିହାର ଛକ ଠାରେ ପ୍ରଚାର ପତ୍ର ବଂଟନ କରାଯାଇଥିଲା। ଏହାସହ ମାଷ୍ଟର କ୍ୟାଂଟିନ୍ ଛକ ଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ଏକ ବାଇକ୍ ର୍ୟାଲି ମଧ୍ୟ କରାଯାଇଥିଲା । ଏହି ପ୍ରଚାର ପତ୍ର ବଂଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ, ଜୟନ୍ତ ଭୋଇ, ତ୍ରିନାଥ ସାହୁ, ସଂଜୟ ଦାସ, ଦେବୀ ପ୍ରସାଦ ବାହାଲିଆ, ସୟଦ ଅଖତାର, ଏସ୍.କେ. ଜାଭେଦ୍, ପ୍ରମୋଦ ଭୋଇ, ତୋଫାନ ସ୍ୱାଇଁ, ସ୍ୱାଗତ କର, ସଂଜୟ ନାୟକ, ଗୁରୁ ମହାପାତ୍ର, ଆର୍ତରାମ ପତି, ମାୟାଧର ବେହେରା, ମନୋଜ ସାହୁ, ଦାଶରଥି ହରିଚନ୍ଦନ ଓ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସେକ୍ସ ରାକେଟ୍ ଠାବ
## ୪ ଯୁବକଙ୍କ ସମେତ ବଙ୍ଗୀୟ ରୂପଜିବୀ ଗିରଫ



ଗଞ୍ଜାମ, ୧୯।୨ (ସକାଳ ଖବର) : ଗଞ୍ଜାମ ଜିଲ୍ଲା ଗୋସାଣିନୂଆଗାଁ ଥାନା ପୋଲିସ ଅନ୍ଧପସରା ରୋରେ ଥିବା ମୟୂର ବିହାର ଅଞ୍ଚଳରୁ ଆଜି ସକାଳେ ଏକ ସେକ୍ସ ରାକେଟ୍ ଠାବ କରିଛି । ଏହି ଘଟଣାରେ ପୋଲିସ ୪ଜଣ ଯୁବକଙ୍କ ସହିତ ଜଣେ ବଙ୍ଗୀୟ ରୂପଜିବୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜ୍ୟୋତିନଗର ଅଞ୍ଚଳର ମନୋଜ ମହାନ୍ତି, ଗୌତମ ନଗରର ମାନସ ରଞ୍ଜନ ଶତପଥୀ, ଜ୍ୟୋତିନଗରର ଶୁଭମ୍ ମହାନ୍ତି ଓ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଂଚଳର ଦେବାଶିଷ ଦିଗାଲ । ସେମାନଙ୍କ ନିକଟରୁ ନଗଦ ୧୧ ହଜାର ଟଙ୍କା, ୫ଟି ମୋବାଇଲ୍ ଫୋନ୍ ଏବଂ ସେକ୍ସ ସମ୍ବନ୍ଧୀୟ ଅନ୍ୟାନ୍ୟ ଆପତିଜନକ ସାମଗ୍ରୀ ଜବତ ହୋଇଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ୨୧/୧୮ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କୃଳମଣି ସେଠୀ ସୂଚନା ଦେଇଛନ୍ତି ।

## ଦୁଇ ନାବାଳକ ଅପହରଣ ଓ ହତ୍ୟା ଘଟଣା
# ପାଣି ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍, ଥାନା ଅଧିକାରୀଙ୍କ ବଦଳି

ଭଦ୍ରକ, ୧୯।୨ (ସକାଳ ଖବର) : ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହି ଥାନା ଅଧୀନ କଉଣିଆସାହି ଗ୍ରାମରେ ଦୁଇ ନାବାଳକଙ୍କୁ ପ୍ରଥମେ ଅପହରଣ ଓ ପରେ ପୋଖରୀରୁ ତାଙ୍କ ମୃତଦେହ ମିଳିବା ଘଟଣା ସମଗ୍ର ଜିଲାରେ ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାରେ ବାସୁଦେବପୁର ଥାନା ଅଧିକାରୀଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ଶବ ମିଳିଥିବା ପୋଖରୀ ପାଣି ନମୁନା ସଂଗ୍ରହ କରିଥିବା ବେଳେ ପୋଖରୀର ଗଭୀରତା ମାପିଛନ୍ତି। ଦୁଇ ବାଳକକୁ ହରାଇ ପରିବାର ଭୂଇଁରେ ଲୋଟି ପଡିଥିବା ବେଳେ ସାହିରେ ଦୁଃଖର ଛାୟି ଖେଳିଯାଇଥିଲା। ଶବ ମିଳିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଜିଲା ପ୍ରଶାସନ ସହିତ ସ୍ଥାନୀୟ ପ୍ରଶାସନ ଘଟଣା ଉପରେ ନଜର ରଖିଥିଲା। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣାର ଛାନଭିନ କରିଥିଲେ। ହେଲେ କିଛି ସୁରାକ ପାଇ ନ ଥିଲେ। ପୁଣି ସାଇଣ୍ଟିଫିକ ଟିମ ତଦନ୍ତକୁ ଆଉପାଦେ ଆଗକୁ ବଢାଇଛି। ପିଲା ଦୁଇଟିଙ୍କ ଶବ ଉଦ୍ଧାର କରାଯାଇଥିବା ପୋଖରୀର ପାଣି ନମୁନା ସଂଗ୍ରହ କରିବା ସହିତ ପୋଖରୀରର ଗଭୀରତା ମାପିଛି। ଏପଟେ ମୃତ ଦେହ ଦୁଇଟିର ବ୍ୟବଚ୍ଛେଦ କଟକ ବଡ ମେଡିକାଲରେ କରାଯାଇଥିବା ବେଳେ ଶବ ସତ୍କାର ପାଇଁ ପରିବାର ଆତ୍ମୀୟ (ପୃଷ୍ଠା-୭)



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ



ହୁଣ୍ଡିର ଆୟ (୧୯.୨.୧୮)
୨,୩୬,୯୧୪

# ଅନଲାଇନ୍‌ରେ ବୋର୍ଡ ନିକଟକୁ ଯିବ ମାଟ୍ରିକ୍ ପରୀକ୍ଷା ତଥ୍ୟ

- ପରୀକ୍ଷା ସରୁ ସରୁ ପହଞ୍ଚିବ ତଥ୍ୟ
- କମ୍ପ୍ୟୁଟର ନଥିଲେ ଫୋନ୍‌ରେ ପଠାଯିବ

ଭୁବନେଶ୍ୱର,୧୯।୨ (ସକାଳ ଖବର) : ଏଣିକି ଅନଲାଇନ୍ ରେ ମାଟ୍ରିକ ପରୀକ୍ଷା ସମ୍ପର୍କିତ ଟିକିନିଖି ଖବର ଖୁବ କମ୍ ସମୟ ଭିତରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପାଖରେ ପହଂଚିପାରିବ । ପରୀକ୍ଷା କେନ୍ଦ୍ର ଗୁଡିକରୁ ସମସ୍ତ ତଥ୍ୟ ଅନ ଲାଇନ ଇନଫର୍ମେସନ୍ ଟ୍ରାନ୍ସଫର୍ ଯୋଜନାରେ ବୋର୍ଡର କଂଟ୍ରୋଲ ରୁମ୍ ପାଖରେ ପହଂଚିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡକ୍ଟର ନିହାର ରଂଜନ ମହାନ୍ତି ସୂଚନା ଦେଇଛନ୍ତି । କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟ ପଠାଯିବ ଏବଂ ଯେଉଁଠାରେ ଏହି ବ୍ୟବସ୍ଥା ନଥିବ ସେଠାରେ ଆଣ୍ଡ୍ରଏଡ୍ ଫୋନ୍ ର ବ୍ୟବହାର କରାଯିବ ବୋଲି ସେ କହିଛନ୍ତି । ଚଳିତବର୍ଷ ରାଜ୍ୟର ୨୮୧୮ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ହେବା କେନ୍ଦ୍ର ଗୁଡ଼ିକରେ ପରୀକ୍ଷା ସରିବାର ଅଳ୍ପ ସମୟ ମଧ୍ୟରେ ସମସ୍ତ ସୂଚନା ବୋର୍ଡ କଂଟ୍ରୋଲ ରୁମରେ ପହଂଚିବ। ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥିଙ୍କ ଅନୁପସ୍ଥିତ ସଂଖ୍ୟା, ମାଲ୍ ପ୍ରାକ୍ଟିସରେ ଧରାପଡ଼ୁଥିବା ପିଲାଙ୍କ ସଂଖ୍ୟା, ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ଶିକ୍ଷକଙ୍କ ସୂଚନା, ସବଜେକ୍ଟ ଚେଞ୍ଜ କରିଥିବା ପରୀକ୍ଷାର୍ଥୀଙ୍କ ନାମ ଓ ସଂଖ୍ୟା ପ୍ରମୁଖ ସୂଚନା ବୋର୍ଡରେ ଅଳ୍ପ ସମୟ ଭିତରେ ପହଂଚି ପାରିବ। ଯେଉଁ ପରୀକ୍ଷା (ପୃଷ୍ଠା-୭)

# ବିଜେପିରେ ଅପରାଜିତା



ଭୁବନେଶ୍ୱର,୧୯।୨ (ସକାଳ ଖବର) : ଓଲିଉଡ ଭେଟେରାନ୍ ଅଭିନେତ୍ରୀ ଅପରାଜିତା ମହାନ୍ତି ବିଜେପିରେ ସାମିଲ ହୋଇଛନ୍ତି । ଭୁବନେଶ୍ୱର ରାଜ୍ୟ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ବିଜେପିର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ବିଜେପି ଏବଂ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାଶର୍ବ । (ପୃଷ୍ଠା-୭)

## ସ୍ୱାମୀଙ୍କ ମଦ ପିଆକୁ ବିରୋଧ କରି ନିଜ ବେକ କାଟିଲେ ପତ୍ନୀ

କେନ୍ଦ୍ରାପଡ଼ା,୧୯।୨ (ସକାଳ ଖବର) : ଅଧିକ ରାଜସ୍ୱ ଆଦାୟ ପାଇଁ ଗାଁ ଗାଁରେ ମଦ ଦୋକାନ ଖୋଲିଥିବାରୁ ଏହାର ଭୟାବହ ପରିଣତି ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ପାରିବାରିକ ଅଶାନ୍ତି, କଳହ ଓ ହିଂସାତ୍ମକ ଘଟଣା ଘଟୁଥିବା ବେଳେ ସ୍ୱାମୀଙ୍କ ମଦ ପିଆରୁ ନିବୃତ କରିନପାରି ଶେଷରେ ପତ୍ନୀ ନିଜ ବେକକୁ କାଟିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜଜାଙ୍ଗ ଗ୍ରାମର ଜଣେ ଯୁବକ ସାମୟିକ ନିଶାସେବନ କରୁଥିବା ବେଳେ ପତ୍ନୀ ତାଙ୍କୁ ବିରୋଧ କରିଆସୁଥିଲେ। ତେବେ ରବିବାର ଯୁବକ ଜଣକ ଏକ ବାହାଘର ଭୋଜିରେ ମଦ୍ୟପାନ କରି ବିଳମ୍ବିତ ରାତିରେ ଘରକୁ ଫେରିବାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମଦ୍ୟପାନକୁ ନେଇ ଝଗଡ଼ା ହୋଇଥିଲା। ତେବେ ଏଥିରେ ବିଫଳ ହୋଇ ପତ୍ନୀ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ (ପୃଷ୍ଠା-୭)

# sZÿæLÿ {œÿB ¯ÿ{fxÿ-¯ÿ{f¨ Lÿæ'ÿA üÿèÿæüÿèÿ

## AæLÿæD+ þæšþ{Àÿ sZÿæ ¯ÿæ+¯ÿ ¯ÿ{f¨ : ¯ÿ{fxÿ

## f¯ÿ†ÿ sZÿæÀÿ Bxÿ H BœÿLÿþ s¿æOÿ †ÿ'ÿ;ÿ {ÜÿD : ™{þ¢ÿ

## {¨Ó Lÿ¯ÿ vÿ{Àÿ {fÓAæB ¨äÀÿ 72 ßœÿs ÀÿÎÿ ÓóSÿ

## àÿæßœÿ fàÿæ 322-Ó5Àÿ Sµÿ,ÿÀÿ œÿ¯ÿæ`ÿœÿ AœÿÏ†ÿ Sµÿ,ÿÀÿ µÿæ{¯ÿ `ÿ¢ÿ{ÉQÀÿ ¨tœÿæßLÿ, D¨Sµÿ,ÿÀÿ (1) µÿæ{¯ÿ ¨LÿæÉ {fœÿæ, D¨Sµÿ,ÿÀÿ (2) µÿæ{¯ÿ ¨üÿàÿ Óæþàÿ œÿ¯ÿæ`ÿ†ÿ

## Aœÿ¢ÿþæS ¯ÿ'¿æÀÿßÿ ¯ÿæ ÌLÿ DÓ¯ÿ

## †ÿæÀÿ{`ÿÀÿ Q~ Qæ'ÿæœÿ ä†ÿSÓ ¨fæ ÓóW ¨äÀÿ {Eæµÿæ¾æ†ÿæ H ¯ÿ{äæµÿ

## Ì„ þƒAæ{Àÿ ¯ÿ•Zÿ Üÿæ†ÿ µÿæèÿæ

## Lÿ{Lÿs s,ÿæ{þ+ D'ÿWæs†ÿ

## {þæ µÿÿ†ÿÀÿÀÿ AœÿæÀÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
**Editor - Amit Kumar Mallick**
Óó¨æ'ÿLÿ : Aþ†ÿ Lÿþæÿ þàÿLÿ